# ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, ବେଲଗୁଣ୍ଠା, ଗଞ୍ଜାମ

ପତ୍ରସଂଖ୍ୟା ୩୬୭ ତା ୧୦.୦୩.୨୦୨୬

## ବିଜ୍ଞାପନ

ଏତଦ୍ୱାରା ବେଲଗୁଣ୍ଠା ଶିଶୁ ବିକାଶ ପ୍ରକଳ୍ପ ଅଧିନର ସାନସାଦରା ଗ୍ରାମର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନପ୍ରଦତ୍ତ ଅଙ୍ଗନୱାଡି କେନ୍ଦ୍ରର ଅଙ୍ଗନୱାଡି ସହାୟିକା ପଦବୀ ଖାଲି ପଡିଅଛି । ଏଣୁ ଖାଲି ପଡିଥିବା ଅଙ୍ଗନୱାଡି ସହାୟିକା ନିଯୋଜନ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି । ନିମ୍ନଲିଖିତ ଯୋଗ୍ୟତା ଥାଇ ସଂପୂର୍ଣ୍ଣ ଇଚ୍ଛୁକ ପ୍ରାର୍ଥିନୀ ଖାଲି ଥିବା ଅଙ୍ଗନୱାଡି କେନ୍ଦ୍ର ସକାଶେ ପ୍ରଦତ୍ତ http://engagement-awc.odisha.gov.in websiteର public user/public log in ମାଧ୍ୟମରେ ନିମ୍ନସ୍ୱାକ୍ଷରକାରୀଙ୍କ ନିକଟରେ ଏହି ପଦବୀ ପାଇଁ ବିଜ୍ଞାପନ ପ୍ରକାଶ ହେବାର ୧୫ (ପନ୍ଦର) ଦିନ ମଧ୍ୟରେ ଅର୍ଥାତ ତା-୨୪/୦୩/୨୦୨୬ ରିଖ ସୁଦ୍ଧା ଆବେଦନ କରିପାରିବେ । ଅଫଲାଇନ (offline) ଦରଖାସ୍ତ କିମ୍ବା ନିର୍ଦ୍ଧାରିତ ତାରିଖ ପରେ ଦରଖାସ୍ତ ଦାଖଲ କଲେ ଗ୍ରହଣ କରାଯିବ ନାହିଁ ।

ଓଡିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ, ଭୁବନେଶ୍ୱରଙ୍କ ପତ୍ରସଂଖ୍ୟା ୪୯୭୦/WCD-ICDS-G-MISC-0033-2022/ତାରିଖ-୧୫.୦୩.୨୦୨୩ ଏବଂ ବିଭିନ୍ନ ସମୟରେ କାର୍ଯ୍ୟାଳୟ ଦ୍ୱାରା ପ୍ରାପ୍ତ ହୋଇଥିବା ଅନ୍ୟାନ୍ୟ ପରିବର୍ତ୍ତିତ ନିର୍ଦ୍ଦେଶାବଳୀ ଅନୁଯାୟୀ ଅଙ୍ଗନୱାଡି ସହାୟିକା ନିଯୋଜନ କରାଯିବ। ଏହି ନିଯୋଜନ ସଂପୂର୍ଣ୍ଣ ଅସ୍ଥାୟୀ ଅଟେ ଏବଂ ଏହି ନିଯୋଜନରେ ORV ଆକ୍ଟ ପ୍ରଯୁଜ୍ୟ ନୁହେଁ । ଭବିଷ୍ୟତରେ ସହାୟିକାଙ୍କ କାର୍ଯ୍ୟ ସନ୍ତୋଷଜନକ ନହେଲେ ଓଡିଶା ସରକାରଙ୍କ ନିୟମ ମୁତାବକ କାର୍ଯ୍ୟରୁ ଅନ୍ତର କରାଯିବ । ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରାପ୍ତ ହୋଇଥିବା ସମସ୍ତ ଦରଖାସ୍ତ କ୍ରମାନ୍ୱୟରେ ତା- ୨୫/୦୩/୨୦୨୬ ସକାଳ ୧୧.୦୦ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ଠାରେ ଯାଞ୍ଚ କରାଯିବ । ଏହି ଯାଞ୍ଚ ସମୟରେ ସମ୍ପୃକ୍ତ ପ୍ରାର୍ଥିନୀ ନିଜର Online ମାଧ୍ୟମରେ Upload କରିଥିବା ସମସ୍ତ ସାର୍ଟିଫିକେଟର ଅବିକଳ ନକଲ ଓ ମୂଳ ପ୍ରମାଣ ପତ୍ର (Original Certificate) ସହ ଉପସ୍ଥିତ ରହି ଯାଞ୍ଚ ପ୍ରକ୍ରିୟାରେ ସହଯୋଗ କରିବେ । ତତ୍ ସହିତ ଯାଞ୍ଚ ସମୟରେ ଇଚ୍ଛୁକ ପ୍ରାର୍ଥିନୀ ପରିବାର ସର୍ଭେ ଅନୁଯାୟୀ ସମ୍ପୃକ୍ତ ଗ୍ରାମର ସ୍ଥାୟୀବାସିନ୍ଦା ବୋଲି ନିଜ ଘର ନମ୍ବର, ପୂର୍ବ-ଘର ନମ୍ବର, ପର- ଘର ନମ୍ବର ଏବଂ ମୁରବୀଙ୍କ ନାମ ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ରର ଅଙ୍ଗନୱାଡି କର୍ମୀଙ୍କ ଠାରୁ ଲିଖିତ (କର୍ମୀଙ୍କ ଦସ୍ତଖତ ଏବଂ ସୀଲ ପଡିଥିବା) ଆକାରରେ ଆଣିବା ଜରୁରୀ ଅଟେ ।

ମୂଳ ପ୍ରମାଣ ପତ୍ର ଯାଞ୍ଚ ପରେ ଆବେଦନ କରିଥିବା ପ୍ରାର୍ଥିନୀଙ୍କ ନାମ ତାଲିକା ପ୍ରକାଶ କରାଯିବ ଏବଂ ପ୍ରାର୍ଥିନୀଙ୍କର ସ୍ଥାୟୀବାସିନ୍ଦା, ଶିକ୍ଷାଗତ ଯୋଗ୍ୟତା, ଜାତି ଓ ଅନ୍ୟାନ୍ୟ ଯୋଗ୍ୟତା ସମ୍ବନ୍ଧରେ ଯଦି କୌଣସି ବ୍ୟକ୍ତି ବା ପ୍ରାର୍ଥିନୀଙ୍କର ଅଭିଯୋଗ ଥାଏ, ସେମାନେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଅନଲାଇନ ମାଧ୍ୟମରେ ଅଭିଯୋଗ ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ଠାରେ ଦାଖଲ କରିପାରିବେ ।

ଉକ୍ତ ପଦବୀ ସଂପୂର୍ଣ୍ଣ ଅସ୍ଥାୟୀ ଅଟେ । ପ୍ରାର୍ଥିନୀ ସଂପୂର୍ଣ୍ଣ ସ୍ୱେଚ୍ଛାସେବୀ ରୂପେ କାର୍ଯ୍ୟ କରିବେ ଓ ସରକାରଙ୍କ ଦ୍ୱାରା ସ୍ଥିରିକୃତ ପ୍ରୋତ୍ସାହନ ଭତ୍ତା ଆକାରରେ ସମୟାନୁକ୍ରମେ ପାରିଶ୍ରମିକ ପାଇବେ ।

ନିମ୍ନ ସ୍ୱାକ୍ଷରକାରୀ କୌଣସି କାରଣ ନ ଦର୍ଶାଇ ବିନା ନୋଟିସରେ ଅଙ୍ଗନବାଡି ସହାୟିକା ଚୟନକୁ କୌଣସି ମୂହୁର୍ତ୍ତରେ ସ୍ଥଗିତ ରଖିପାରିବେ କିମ୍ବା ବାତିଲ କରିପାରିବେ । ଏଥିପାଇଁ କର୍ତ୍ତୃପକ୍ଷ ଉତ୍ତରଦାୟୀ ରହିବେ ନାହିଁ ।

ଏହି ବିଜ୍ଞାପନ ପ୍ରକାଶନ ଠାରୁ ଚୟନ ପ୍ରକ୍ରିୟା ସମାପ୍ତ ମଧ୍ୟରେ ଯଦି ସରକାରଙ୍କ ଠାରୁ କୌଣସି ପରିବର୍ତ୍ତିତ ନିର୍ଦ୍ଦେଶାବଳୀ ହସ୍ତଗତ ହୁଏ, ସେ ପରିସ୍ଥିତିରେ ଉକ୍ତ ବିଜ୍ଞାପନଟିକୁ ରଦ୍ଦ କରାଯାଇପାରିବ ।

ଶି: ପ୍ର : ଦେ:

Scanned with OKEN Scanner

ଖାଲି ପଡିଥିବା ଅଙ୍ଗନବାଡି କେନ୍ଦ୍ରର ନାମ ଓ ଏହାର ସେବା ପରିସରଭୁକ୍ତ କେନ୍ଦ୍ରାଞ୍ଚଳର ତାଲିକା ନିମ୍ନରେ ପ୍ରଦତ୍ତ କରାଗଲା ।

| ଗ୍ରାମ ପଞ୍ଚାୟତ | ଖାଲି ପଡିଥିବା ଅଙ୍ଗନବାଡି କେନ୍ଦ୍ରର ନାମ | ଗ୍ରାମର ନାମ ଓ ସେବା ପରିସରଭୁକ୍ତ କେନ୍ଦ୍ରାଞ୍ଚଳର ନାମ | ଗ୍ରାମର କେଉଁ ମାନେ ଆବେଦନ କରିପାରିବେ? |
|---|---|---|---|
| ଡାଙ୍ଗପୁର | ସାନସାବରା | ମୁଖ୍ୟ ଗ୍ରାମ – ସାନସାବରା<br>୧. ଠାକୁରାଣୀ ସାହି<br>୨. ହରିଜନ ସାହି<br>୩. ଗୋଲା ସାହି<br>୪. କୁମ୍ଭାର ସାହି/ଧୋବା ସାହି<br>୫. କେଉଟ ସାହି<br>୬. ବଡବାଣ୍ଡ ସାହି<br>୭. ବରାଡ ସାହି | ଅଙ୍ଗନବାଡି ସର୍ଭେ ଅନୁଯାୟୀ **ସାନସାବରା** ଗ୍ରାମର ନିମ୍ନଲିଖିତ ଯେକୌଣସି ସାହିର ସ୍ଥାୟୀ ବାସିନ୍ଦା ଆବେଦନ କରିପାରିବେ ।<br>• ଠାକୁରାଣୀ ସାହି:- (ପ୍ରଥମ ଘ.ନଂ-୦୧ ସନ୍ତୋଷ କିଶୋରୀ ଠାରୁ ଶେଷ ଘର ପଙ୍କଜ ସ୍ବାଇଁ ଘ.ନଂ -୧୮୮)<br>• ହରିଜନ ସାହି:- (ପ୍ରଥମ ଘ.ନଂ-୦୮ ରେଖା ନାଇକ ଠାରୁ ଶେଷ ଘର ବାୟା ନାଇକ ଘ.ନଂ -୦୨୨)<br>• ଗୋଲା ସାହି:- (ପ୍ରଥମ ଘ.ନଂ-୦୨୪ ଅହଲ୍ୟା ଜେନା ଠାରୁ ଶେଷ ଘର ସଞ୍ଜୟ ପାତ୍ର ଘ.ନଂ-୧୫୦)<br>• କୁମ୍ଭାର ସାହି (ପ୍ରଥମ ଘ.ନଂ-୧୫୨ ସୂର୍ଯ୍ୟ ମୁନୀ ଠାରୁ ଶେଷ ଘର ହରି ଡାକୁଆ ଘ.ନଂ- ୧୭୯)<br>• କେଉଟ ସାହି (ପ୍ରଥମ ଘ.ନଂ-୦୩୧ ପଶୁ ବେହେରା ଠାରୁ ଶେଷ ଘର ଲକ୍ଷ୍ମଣ ବେହେରା ଘ.ନଂ-୦୩୬)<br>• ବଡବାଣ୍ଡ ସାହି (ପ୍ରଥମ ଘ.ନଂ-୩୭ କୃଷ୍ଣଚନ୍ଦ୍ର ସ୍ବାଇଁ ଠାରୁ ଶେଷ ଘର ବିପ୍ରଚରଣ ଭୂୟାଁ ଘ.ନଂ-୧୪୫)<br>• ବରାଡ ସାହି (ପ୍ରଥମ ଘ.ନଂ-୦୮୯ ପ୍ରମୋଦ ଭୂୟାଁ ଠାରୁ ଶେଷ ଘର ମନୋଜ ବରାଡ ଘ.ନଂ-୧୦୭) |

| ବିଜ୍ଞାପନ ପ୍ରକାଶ ତାରିଖ | ଦରଖାସ୍ତ ଦାଖଲ ଶେଷ ତାରିଖ | ମୂଳ ପ୍ରମାଣ ପତ୍ର ଯାଞ୍ଚ ତାରିଖ |
|---|---|---|
| ୧୦/୦୩/୨୦୨୬ | ୨୪/୦୩/୨୦୨୬ | ତା- ୨୫/୦୩/୨୦୨୬ ସକାଳ ୧୧.୦୦ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା |

ପ: ସୃ : ବେ:

Scanned with OKEN Scanner

## ଅଙ୍ଗନୱାଡି ସହାୟିକା ନିମନ୍ତେ ଆବେଦନ କରିବା ପାଇଁ ଯୋଗ୍ୟତା

୧. ଅଙ୍ଗନୱାଡି ସହାୟିକା ଭାବରେ କାର୍ଯ୍ୟ କରିବା ପାଇଁ ସ୍ୱେଚ୍ଛାସେବୀ ଚୟନ ପାଇଁ ଉକ୍ତ କେନ୍ଦ୍ରାଞ୍ଚଳରେ ରହୁଥିବା ମହିଳା ମାନଙ୍କଠାରୁ ଆବେଦନ ଆହ୍ୱାନ କରାଯିବ ।

୨. ସେବା କାର୍ଯ୍ୟରେ ଆଗ୍ରହୀଥିବା ଯେ କୌଣସି ବର୍ଗର ମହିଳାମାନେ ଆବେଦନ କରିପାରିବେ ।

୩. ଆବେଦନକାରିଣୀ ସମ୍ପୃକ୍ତ ଗ୍ରାମର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ । ।

୪. ଆବେଦନକାରୀଙ୍କ ବୟସ ତା- ୦୧.୦୧.୨୦୨୬ ରିଖ ସୁଦ୍ଧା ସର୍ବନିମ୍ନ ୧୮ ବର୍ଷ ବୟସ ଏବଂ ସର୍ବାଧିକ ୩୫ ବର୍ଷ ହୋଇଥିବା ଆବଶ୍ୟକ ।

୫. ଆବେଦନକାରୀଙ୍କ ଶିକ୍ଷାଗତ ଯୋଗ୍ୟତା ଅନ୍ୟୁନ ଦ୍ୱାଦଶ ଶ୍ରେଣୀ (12th) ପାସ ହୋଇଥିବା ଆବଶ୍ୟକ ଓ ଶିକ୍ଷାଗତ ଯୋଗ୍ୟତାର (Original) ସହିତ ମାର୍କସିଟ, କଲର ପାସପୋର୍ଟ ଏବଂ ତଦୁର୍ଦ୍ଧ୍ୱ ଶିକ୍ଷାଗତ ଯୋଗ୍ୟତା ହୋଇଥିବାର (Original) ପ୍ରମାଣ ପତ୍ର Online ମାଧ୍ୟମରେ ନିର୍ଦ୍ଦିଷ୍ଟ ସ୍ଥାନରେ Upload କରିବା ଜରୁରୀ ଅଟେ, ନଚେତ ଏହାକୁ ନାକଚ କରାଯିବ ।

୬. ଆବେଦନକାରୀ BSE ଓଡିଶା କଟକ ବ୍ୟତୀତ ଯଦି ଅନ୍ୟ କୌଣସି ବୋର୍ଡରୁ ଦ୍ୱାଦଶ ଶ୍ରେଣୀ ପାସ ହୋଇଥିବେ, ତାହାହେଲେ ଦଶମ ଶ୍ରେଣୀ ପାସ ହୋଇଥିବା ସାର୍ଟିଫିକେଟ ବାଧ୍ୟତାମୂଳକ, Online ମାଧ୍ୟମରେ Upload କରିବା ଜରୁରୀ ଅଟେ ଏବଂ ଓଡିଆ ଲେଖି ପଢି ଜାଣିଥିବା ବାଧ୍ୟତାମୂଳକ ଅଟେ ।

## ଦରଖାସ୍ତ ସହ ଆବଶ୍ୟକୀୟ ପ୍ରମାଣ ପତ୍ର Online ମାଧ୍ୟମରେ upload କରିବେ

୧. ରାଜସ୍ୱ ଅଧିକାରୀ (Tahasildar)ଙ୍କ ଦ୍ୱାରା ପ୍ରଦତ୍ତ ହୋଇଥିବା ସ୍ଥାୟୀ ବାସିନ୍ଦାର ପ୍ରମାଣ ପତ୍ର (Residential Certificate) ।

୨. ସପ୍ତମ ଶ୍ରେଣୀ ଓଡିଆ ପାସ ହୋଇଥିବା ସାର୍ଟିଫିକେଟର ନକଲ । (BSE ଓଡିଶା କଟକ ବ୍ୟତୀତ)

୩. ଦଶମ ଶ୍ରେଣୀ ବୋର୍ଡ ସାର୍ଟିଫିକେଟର ଓ ମାର୍କସିଟ ର ନକଲ ।

୪. ଦ୍ୱାଦଶ ଶ୍ରେଣୀ ବୋର୍ଡ ସାର୍ଟିଫିକେଟର ଓ ମାର୍କସିଟ ର ନକଲ ।

୫. ଯଦି ଆବେଦନକାରୀ ହାୟର ଏଜୁକେଶନ ଥାଏ, ତେବେ ତାହାର ପ୍ରମାଣ ପତ୍ରର ନକଲ ।

୬. ଯଦି ଆବେଦନକାରୀ ସଂରକ୍ଷିତ ବର୍ଗର ଅଟନ୍ତି, ତେବେ ଜାତିଗତ ପ୍ରମାଣ ପତ୍ରର ନକଲ ।

୭. ଯଦି ଆବେଦନକାରୀ ଶାରୀରିକ ଭିନ୍ନକ୍ଷମ ବର୍ଗର (40%)ରୁ ଅଧିକ ଅଟନ୍ତି, ତେବେ ତାହାର ପ୍ରମାଣ ପତ୍ରର ନକଲ ।

୮. ଯଦି ଆବେଦନକାରୀ ଅନାଥ ଝିଅ ( ଜୈବିକ କିମ୍ବା ଆଇନଗତ ପିତାମାତା ନଥିବା ) ପ୍ରମାଣ ପତ୍ରର ନକଲ ।

୯. ଯଦି ଆବେଦନକାରୀ ନିରାଶ୍ରୟ/ସ୍ୱାମୀ ପରିତ୍ୟକ୍ତା ହୋଇଥିବେ ତାହାର ପ୍ରମାଣ ପତ୍ର/ଅଦାଲତ ଆଦେଶନାମା ନକଲ ଦାଖଲ କରିବେ ।
(ସର୍ବନିମ୍ନ ଛଅ ମାସ ମଧ୍ୟରେ ଅଦାଲତରୁ ପାଇଥିବା ଆଦେଶନାମା)

http://engagement-awc.odisha.gov.in website ର public user/public log in ମାଧ୍ୟମରେ ଆବେଦନ କରିପାରିବେ ।

Child Development Project Officer
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ବେଲଗୁଣ୍ଠା
Bellaguntha

ପ: ପୃ : ଦେ:

Scanned with OKEN Scanner

ପରିପତ୍ର ସଂଖ୍ୟା ୩୬୮ ତା ୦୯.୦୩.୨୦୨୬

ଏହାର ଏକକିତା ନକଲ ଅଞ୍ଚଳ ପରିଦର୍ଶିକା, ଗାଙ୍ଗପୁରଙ୍କୁ ଉକ୍ତ କେନ୍ଦ୍ରର ମଧ୍ୟ ସ୍ଥାନରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏବଂ ଅଙ୍ଗନୱାଡି କେନ୍ଦ୍ରରେ ବିଜ୍ଞାପନଟିକୁ ଟଙ୍ଗାଇ ଦେବା ନିମନ୍ତେ ଦିଆଗଲା ।

Child Development Project Officer
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ବେଲଗୁଣ୍ଠା
Bellaguntha

ପରିପତ୍ର ସଂଖ୍ୟା ୩୬୯ (ଅ) ତା ୦୯.୦୩.୨୦୨୬

ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ,ବେଲଗୁଣ୍ଠା/ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ, ଗାଙ୍ଗପୁର/ ବ୍ଲକ ଶିକ୍ଷା ଅଧିକାରୀ, ବେଲଗୁଣ୍ଠା/ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ବେଲଗୁଣ୍ଠା/ସରପଞ୍ଚ, ଖଇରପୁଟିଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ସମ୍ପୃକ୍ତ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ଟାଙ୍ଗିବାକୁ ଅନୁରୋଧ କରି ପ୍ରେରଣ କରାଗଲା ।

Child Development Project Officer
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ବେଲଗୁଣ୍ଠା
Bellaguntha

ପରିପତ୍ର ସଂଖ୍ୟା ୩୭୦ ତା ୦୯.୦୩.୨୦୨୬

ଏହାର ଏକକିତା ନକଲ ମହିଳା ଏବଂ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,ବେଲଗୁଣ୍ଠାଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ଟଙ୍ଗାଇ ଦିଆଗଲା ।

Child Development Project Officer
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ବେଲଗୁଣ୍ଠା
Bellaguntha

ପରିପତ୍ର ସଂଖ୍ୟା ୩୭୧ (୨) ତା ୦୯.୦୩.୨୦୨୬

ଏହାର ଏକକିତା ନକଲ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ଗଞ୍ଜାମ, ଛତ୍ରପୁର/ଉପଜିଲ୍ଲାପାଳ, ଭଞ୍ଜନଗରଙ୍କ ଗୋଚରାର୍ଥେ ପ୍ରେରଣ କରାଗଲା ।

Child Development Project Officer
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ବେଲଗୁଣ୍ଠା
Bellaguntha

Scanned with OKEN Scanner